

Odia Daily

www.theutkalsamachar.com

# ଉତ୍କଳ ସମାଚାର

ଦୈନିକ ଓଡିଆ ସମ୍ବାଦ ପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448



**ଆବଶ୍ୟକ**

The Utkal Samachar

www.theutkalsamachar.com

ଦୈନିକ '**ଉତ୍କଳ ସମାଚାର**' ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rkl, Mob:9439951525, Email: utkalsamachar@gmail.com




## ରାଜ୍ୟ ସରକାରଙ୍କ ଘୋଷଣା :

# "ନିର୍ବାଚନ-୨୪" ପାଇଁ ମିଳିବ ୪ ଦିନ ଛୁଟି




### ପର୍ଯ୍ୟାୟକ୍ରମେ ଛୁଟି ନେବେ କର୍ମଚାରୀ

ଭୁବନେଶ୍ୱର, ୪/୪ (ନି/ପ୍ର): ପାଖେଇ ଆସୁଛି ସାଧାରଣ ନିର୍ବାଚନ । ଆଉ କେଇଟା ଦିନ ପରେ ନିର୍ବାଚନ ପାଇଁ କମ୍ପିବ ପୁରଠୁ ପଲ୍ଲୀ । ତେବେ ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ । ତେଣୁ ଏହି ୪ଟି ପର୍ଯ୍ୟାୟରେ କର୍ମଚାରୀମାନଙ୍କୁ ଛୁଟି ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି । ନିର୍ବାଚନ ସମୟରେ ବ୍ୟାଙ୍କ, ବ୍ୟାଙ୍କିଂ ସେକ୍ଟର ସହ ସରକାରୀ ଅଫିସ ଏବଂ କୋର୍ଟ ଇତ୍ୟାଦି ବନ୍ଦ ରହିବ । ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି । ଆସନ୍ତା ମାସରୁ ଓଡ଼ିଶାରେ ନିର୍ବାଚନ ଆରମ୍ଭ ହେବାକୁ ଯାଉଛି । ମେ' ୧୩ ତାରିଖରେ ରାଜ୍ୟ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ହେବାକୁ ଥିବା ବେଳେ ପର୍ଯ୍ୟାୟକ୍ରମେ ମେ' ୨୦, ୨୫ ଏବଂ ଜୁନ୍ ୧ ତାରିଖରେ ଓଡ଼ିଶାରେ ନିର୍ବାଚନ ମତଦାନ କରାଯିବ । ତେଣୁ କର୍ମଚାରୀମାନଙ୍କୁ ପର୍ଯ୍ୟାୟକ୍ରମେ ଭୋଟ ଦେବାକୁ ଛୁଟି ମଞ୍ଜୁର କରିଛନ୍ତି ରାଜ୍ୟ ସରକାର । ଲୋକସଭା ଓ ଓଡ଼ିଶା ବିଧାନ ସଭା ସାଧାରଣ ନିର୍ବାଚନ-୨୦୨୪ ପରିପ୍ରେକ୍ଷୀରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସରକାରୀ କର୍ମଚାରୀଙ୍କ ପାଇଁ ରାଜ୍ୟ ସରକାର ଗୋଟିଏ ଦିନ ସ୍ୱତନ୍ତ୍ର ସାମୟିକ ଛୁଟି ମଞ୍ଜୁର କରିଛନ୍ତି । ନିର୍ବାଚନ ପରିଚାଳନାରେ ନିୟୋଜିତ କର୍ମଚାରୀମାନେ ନିର୍ବାହ କରୁଥିବା କାର୍ଯ୍ୟ କଷ୍ଟକର ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି ଯେଉଁ ସରକାରୀ କର୍ମଚାରୀମାନେ ସାଧାରଣ ନିର୍ବାଚନ, ୨୦୨୪ କାର୍ଯ୍ୟରେ ନିୟୋଜିତ ହେବେ, ସେମାନଙ୍କୁ ଡ୍ୟୁଟି ପରେ ଗୋଟିଏ ଦିନ ସ୍ୱତନ୍ତ୍ର ସାମୟିକ ଛୁଟି ଦିଆଯିବ । ସେହିପରି ଯେଉଁ ସରକାରୀ କର୍ମଚାରୀମାନଙ୍କୁ ସେମାନେ ଅବସ୍ଥାପିତ ମୁଖ୍ୟାଳୟଠାରୁ ଦୂରସ୍ଥାନରେ ଥିବା ନିଜ ମତଦାନ କେନ୍ଦ୍ରକୁ ଯାଇ ନିଜର ମତାଧିକାର ସାବ୍ୟସ୍ତ କରିବାର ଅଛି, ସେମାନଙ୍କୁ ପୂର୍ବ ନିର୍ବାଚନ ସମୟରେ ସର୍ବାଧିକ ଦୁଇଦିନ ପାଇଁ ସ୍ୱତନ୍ତ୍ର ସାମୟିକ ଛୁଟିକୁ ଅନୁମତି ପ୍ରଦାନ କରାଯାଇଛି । ତେବେ ଯେଉଁ କର୍ମଚାରୀମାନେ କାର୍ଯ୍ୟରତ ମୁଖ୍ୟାଳୟଠାରୁ ଦୂରରେ ଥିବା ମତଦାନ କେନ୍ଦ୍ରରେ ନିଜର ମତାଧିକାର ସାବ୍ୟସ୍ତ କରିବାକୁ ଚାହୁଁଛନ୍ତି, କିନ୍ତୁ ସେଦିନ ସେମାନଙ୍କର କାର୍ଯ୍ୟାଳୟ ଥିବା ନିର୍ବାଚନ ମଣ୍ଡଳୀରେ ମତଦାନ ହେଉନଥିବାରୁ ଛୁଟି ପାଉନାହାଁନ୍ତି, ସେମାନଙ୍କୁ ମତଦାନ ପରବର୍ତ୍ତୀ ଦିନ ଆଉ ଗୋଟିଏ ଦିନ ପାଇଁ ସ୍ୱତନ୍ତ୍ର ସାମୟିକ ଛୁଟି ପ୍ରଦାନ କରାଯିବ । ମଞ୍ଜୁର ହେବାକୁ ଥିବା ଏହି ଛୁଟି ଗୁଡ଼ିକୁ ସ୍ୱତନ୍ତ୍ର ସାମୟିକ ଛୁଟି ଭାବରେ ବିବେଚନା କରାଯିବ । କ୍ୟାଲେଣ୍ଡର ବର୍ଷରେ ଜଣେ ସରକାରୀ କର୍ମଚାରୀଙ୍କ ପାଇଁ ଗ୍ରହଣୀୟ ୧୫ଦିନର କାଜୁଆଲ ଛୁଟି ଏବଂ ସ୍ପେଶାଲ କାଜୁଆଲ ଛୁଟିର ସମୁଦାୟ ଅବଧିରେ ଏହାକୁ ସାମିଲ କରାଯିବ ନାହିଁ ।

## ବାଲିଷ୍ଟିକ ମିସାଇଲ୍ ଅଗ୍ନି ପ୍ରାଇମର ସଫଳ ପରୀକ୍ଷଣ

### ଡିଆରଡିଓ ଓଏସଏଫସିକୁ ଅଭିନନ୍ଦନ ଜଣାଇଲେ ପ୍ରତିରକ୍ଷା ମନ୍ତ୍ରୀ



ନୂଆଦିଲ୍ଲୀ , ୪/୪ :ଡିଆରଡିଓ ସହଯୋଗରେ ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡ (ଏସଏଫସି) ବୁଧବାର ସନ୍ଧ୍ୟା ୭ଟାରେ ଓଡ଼ିଶାର ଏପିଜେ ଅବଦୁଲ କଲାମ ଦ୍ୱୀପରୁ ନୂଆ ପିଢ଼ିର ବାଲିଷ୍ଟିକ ମିସାଇଲ୍ ଅଗ୍ନି ପ୍ରାଇମର ସଫଳ ପରୀକ୍ଷଣ କରିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ଏହି ପରୀକ୍ଷାକୁ ନିଶ୍ଚିତ କରିଛି:- ଏହି ଲଂ ଅବସରରେ ଡିଫେନ୍ସ ଷ୍ଟାଫ୍ ଜେନେରାଲ୍ ଅନିଲ ଚୌହ୍ୱାନ, ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡର ମୁଖ୍ୟ , ଡିଆରଡିଓ ଏବଂ ଭାରତୀୟ ସେନାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ସଫଳ ପରୀକ୍ଷଣ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆରଡିଓ, ଏସଏଫସି ଏବଂ ସଶସ୍ତ୍ର ବାହିନୀକୁ ଅଭିନନ୍ଦନ ଜଣାଇଛନ୍ତି ।ଅଗ୍ନି-ପ୍ରାଇମ୍ କ୍ଷେପଣାସ୍ତ୍ରର ସଫଳ ଉଡାଣ ପରୀକ୍ଷଣ: ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ, ଡିଆରଡିଓ ସହଯୋଗରେ ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡ (ଏସଏଫସି) ଏପ୍ରିଲ୍ ୩ ରେ ଓଡିଶା ଉପକୂଳରୁ ଏପିଜେ ଅବଦୁଲ କଲାମ ଦ୍ୱୀପରୁ ନୂତନ ପିଢ଼ିର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଅଗ୍ନି ପ୍ରାଇମର ସଫଳତାର ସହ ଉଡାଣ ପରୀକ୍ଷଣ କରାଯାଇଛି ।

## ଟଙ୍କା ନେଇ କଂଗ୍ରେସ ଟିକେଟ ଦେବା ଅଭିଯୋଗ

### ଶରତ ପଟ୍ଟନାୟକ କହିଲେ- ପ୍ରମାଣ ଦେଲେ, ରାଜନୀତିରୁ ସନ୍ୟାସ ନେଇଯିବି



ଭୁବନେଶ୍ୱର, ୪/୪ (ନି/ପ୍ର): ଟଙ୍କା ନେଇ କଂଗ୍ରେସ ଦଳ ଟିକେଟ ଦେଉଥିବା ଅଭିଯୋଗ ଉପରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ପିସିସି ସଭାପତି କିମ୍ବା ପ୍ରଭାରୀ ଡ଼. ଅଜୟ କୁମାର ଟଙ୍କା ନେଇଥିବା ଯେଉଁ ଅଭିଯୋଗ ଆସୁଛି ତାହା ବୃଥାହୀନ । ଏଥିରେ କୌଣସି ସତ୍ୟତା ନାହିଁ । ଯିଏ ଅଭିଯୋଗ ଲଗାଉଛନ୍ତି ଯଦି ସିଏ ପ୍ରମାଣ ଦେଇଦେବେ ତାହେଲେ ମୁଁ ରାଜନୀତିରୁ ସନ୍ୟାସ ନେଇଯିବି । ସୂଚନାଯୋଗ୍ୟ, କଂଗ୍ରେସ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ୮ଟି ଲୋକସଭା ଓ ୪୯ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲା । ମାଲକାନଗିରି ନିର୍ବାଚନ ମଣ୍ଡଳୀ ପାଇଁ ମାଲା ମାଢ଼ି ଓ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ପାଇଁ ମଙ୍ଗୁ ଖିଲଙ୍କ ନାମ ଘୋଷଣା କରିଥିଲା । ତେବେ ଚିତ୍ରକୋଣ୍ଡାରେ ଆଶାୟୀଙ୍କ ସଂଖ୍ୟା ଅଧିକ ଥିଲେ ମଧ ପ୍ରଥମ ଦାବିଦାର ଭାବେ ଶରତ ଚନ୍ଦ୍ର ବୁରୁଦା ରହିଥିଲେ । ତେବେ ଶରତଙ୍କୁ ଟିକଟ ନମିଳିବା ପରେ ସେ ଗଣମାଧ୍ୟମ ଆଗରେ ଓଡିଶା ପ୍ରଭାରୀ ଅଜୟ

## ଜାପାନରେ ୬.୩ ତୀବ୍ରତାର ଭୂକମ୍ପ ଝଟ୍‌କା



ନୂଆଦିଲ୍ଲୀ, ୪/୪: ଜାପାନରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୩ ରେକର୍ଡ ହୋଇଛି । ପୂର୍ବ ଉପକୂଳ ହନସୁ ଅଂଚଳରେ ଭୂକମ୍ପର ଝଟକା ଅନୁଭୂତ ହୋଇଛି । ବର୍ତ୍ତମାନ ପର୍ଯ୍ୟନ୍ତ କ୍ଷୟକ୍ଷତି ନେଇ କୌଣସି ସୂଚନା ନାହିଁ । ଭୂକମ୍ପ ଯୋଗୁଁ ସ୍ଥାନୀୟ ଅଂଚଳରେ ଭୟର ବାତାବରଣ ଦେଖାଦେଇଛି । ସୂଚନାଯୋଗ୍ୟ ଜାନୁଆରୀ ୧ରେ ଜାପାନର ଇଶିକାୱା ଅଂଚଳର ନୋଟୋ ଦ୍ୱୀପରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଥିଲା । ୭୮ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩୩୦ରୁ ଅଧିକ ଲୋକ ଆହତ ହୋଇଥିଲେ । ୫୦ରୁ ଅଧିକ ଲୋକ ନିଖୋଜ ଥିଲେ ।

## ଡାକଶୁଣିଲେ ଭଗବାନ

# ୧୮ଘଣ୍ଟାଂ ପରେ ବୋରୱେଲ ଭିତରୁ ଉଦ୍ଧାର ହେଲା ୨ବର୍ଷ ଶିଶୁ



ନୂଆଦିଲ୍ଲୀ, ୪/୪: କର୍ଣ୍ଣାଟକାର ବିଜୟପୁରା ଜିଲ୍ଲାର ଲାଚାୟନ୍ ଗାଁରେ ଦୁଇବର୍ଷର ଶିଶୁ ଗତ ବୁଧବାର ସନ୍ଧ୍ୟା ବେଳେ ବୋରୱେଲ ଭିତରେ ଖସି ପଡ଼ିଥିଲା । ଗତକାଲି ସନ୍ଧ୍ୟା ୬ଟା ପରଠାରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିବା ବେଳ ଆଜି ଅର୍ଥାତ ଗୁରୁବାର ଅପରାହ୍ନରେ ତାହା ସଫଳତା ସହ ଶେଷ ହୋଇଛି ।ଶିଶୁକୁ ସୁରକ୍ଷିତ ଭାବେ ବୋରୱେଲ ଭିତରୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଡାକ୍ତର ଶିଶୁର ଚିକିତ୍ସା ଜାରି ରଖିଥିବା ବେଳେ ଅବସ୍ଥା କିପରି ଅଛି ?ସେନେଇ ସ୍ପଷ୍ଟ ସୂଚନା ମିଳି ପାରି ନାହିଁ । ପୁଲିସ ସୂତ୍ରରୁ ପ୍ରକାଶ, ଗତକାଲି ୨ବର୍ଷର ଶିଶୁ ଘର ବାହାରେ ଖେଳୁଥିବା ସମୟରେ ସେଠାରେ ଥିବା ଏକ ବୋରୱେଲରେ ଖସିପଡ଼ିଥିଲା । ଶିଶୁକୁ ବୋରୱେଲରେ ଖସିପଡ଼ିଥିବା ଦେଖି ପଡ଼ିଶାଲୋକ ଶିଶୁର ମା' ଓ ବାପାଙ୍କୁ ଖବର ଦେଇଥିଲେ । ଏହାପରେ ପୁଲିସକୁ ଏହି ଘଟଣା ସମ୍ପର୍କରେ ସୂଚନା ଦିଆଯାଇଥିଲା । ଖବର ପାଇ ରାଜସ୍ୱଅଧିକାରୀ, ଅଗ୍ନିଶମ, ଆପାନ୍ନକାଳୀନ ସେବା ଅଧିକାରୀ ଘଟଣାସ୍ଥଳରେ ପହଚିଂ ଛୁଆଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିବାକୁ ଯଥାସମ୍ଭବ ପ୍ରୟାସ ଜାରି ରଖିଥିଲେ । ଗୁରୁବାର ସନ୍ଧ୍ୟା ହେବା ପୂର୍ବରୁ ଶିଶୁକୁ ବୋରୱେଲ ଭିତରୁ ଉଦ୍ଧାର କରିବା ଏକ ଚ୍ୟାଲେଞ୍ଜ ଥିଲା । ଯେଉଁ ଚ୍ୟାଲେଞ୍ଜରେ ଉଦ୍ଧାରକାରୀ ଦଳ ବିଜୟୀ ହୋଇଛନ୍ତି ।

## ହାତ ଛାଡ଼ିଲେ ବାପି ସର୍ଖେଲ



ପାରାଦ୍ୱୀପ, ୪/୪: ନିର୍ବାଚନ ପୂର୍ବରୁ ରାଜ୍ୟରେ ଦଳ ବଦଳ ଜୋର ଧରିଥିବାବେଳେ ଏବେ କଂଗ୍ରେସକୁ ଆଉ ଏକ ଝଟ୍‌କା ଲାଗିଛି । ଗୁରୁବାର ଅରିନ୍ଦମ(ବାପି) ସର୍ଖେଲ୍ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି । ସେ ନିଜ ଇସ୍ତଫା ପତ୍ରକୁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି । କଂଗ୍ରେସ ଛାଡ଼ିବା ପରେ ସେ ବିଜେଡିରେ ସାମିଲ ହେବା ନେଇ ଚର୍ଚ୍ଚା ଜୋର ଧରିଛି । ଏଠାରେ ସୂଚନାଯୋଗ୍ୟ, କିଛିଦିନ ତଳେ ବାପି ସର୍ଖେଲ୍ ?ଙ୍କ ପତ୍ନୀ ମୋନିଦୀପା ବିଜେଡିରେ ସାମିଲ ହୋଇଛନ୍ତି ।

## କେଜ୍ରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ଆବେଦନକୁ ଖାରଜ କଲେ ହାଇକୋର୍ଟ



ନୂଆଦିଲ୍ଲୀ, ୪/୪ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ଆବେଦନକୁ ଖାରଜ କଲେ ହାଇକୋର୍ଟ । ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଏବେ ତିହାର ଜେଲରେ ବନ୍ଦୀ ଅଛନ୍ତି କେଜ୍ରିୱାଲ । ଜେଲ ଯିବା ପରେ ସେ ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ବିରୋଧୀ ଦଳ ଦାବି କରିଆସୁଥିବା ବେଳେ ତାଙ୍କୁ ପଦରୁ ହଟାଇବା ପାଇଁ ହାଇକୋର୍ଟରେ ଏକ ଆବେଦନ କରାଯାଇଥିଲା । ଆଜି ଏହାର ଶୁଣାଣି କରି ଆବେଦନକୁ ଖାରଜ କରିଛନ୍ତି ହାଇକୋର୍ଟ ।ଆବେଦନର ଶୁଣାଣି କରୁଥିବା ଦିଲ୍ଲୀ ହାଇକୋର୍ଟର ଖଣ୍ଡପୀଠ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ତୁଲାଇବେ କି ନାହିଁ ତାହା କେଜ୍ରିୱାଲଙ୍କ ବ୍ୟକ୍ତିଗତ ନିଷ୍ପତ୍ତି । ସେ ଚାହିଲେ ଇସ୍ତଫ ?। ଦେଇପାରିବେ । ନଚେତ୍ ପଦରେ ରହି ଦାୟିତ୍ୱ ତୁଲାଇ ପାରିବେ । ଏଥିରେ କୋର୍ଟ ହସ୍ତକ୍ଷେପ କରିବ ନାହିଁ । କେଜ୍ରିୱାଲଙ୍କୁ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ପାଇଁ ଏହା ଥିଲା ଦ୍ୱିତୀୟ ଆବେଦନ ଯାହାକୁ ହାଇକୋର୍ଟ ଖାରଜ କରିଛନ୍ତି । ହିନ୍ଦୁ ସେନାର ସାମାଜିକ କର୍ମୀ ତଥା ଜାତୀୟ ସଭାପତି ବିଷ୍ଣୁ ଗୁପ୍ତା ଏହି ଆବେଦନ କରିଥିଲେ । ସେ କହିଥିଲେ ଯେ, କେଜ୍ରିୱାଲ ଗିରଫ ହେବା ପରେ ଦିଲ୍ଲୀରେ ସରକାର ଅଚଳ ହୋଇପଡ଼ିଛି ।

# ମରିବା ଯାଏ କଂଗ୍ରେସରେ ରହିବି :

### କାରଣ ଦର୍ଶାଅ ନୋଟିସ୍ ନେଇ ସୁରଙ୍କ ଉତର



ଭୁବନେଶ୍ୱର, ୪/୪ (ନି/ପ୍ର): କଂଗ୍ରେସର ବରିଷ୍ଠ ନେତା ସୁର ରାଉତରାୟ ତାଙ୍କ ବିରୋଧରେ ଦଳ ପକ୍ଷରୁ ଜାରି ହୋଇଥିବା କାରଣ ଦର୍ଶାଅ ନୋଟିସର ଉତ୍ତର ଦେଇଛନ୍ତି । ଗୁରୁବାର ସେ କଂଗ୍ରେସ ଭବନରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ଭେଟି ତାଙ୍କ ନିକଟରେ କାରଣ ଦର୍ଶାଅ ନୋଟିସର ଉତ୍ତର ଦେଇଛନ୍ତି । ସେ କହିଛନ୍ତି, ମୁଁ ପୁଅ ପାଇଁ କୌଣସି ସଭାସମିତିରେ ଭୋଟ୍ ? ମାଗି ନାହିଁ । ଏନେଇ ସୋସିଆଲ ମିଡିଆରେ ଅପପ୍ରଚାର କରାଯାଉଛି ।ପୁଅ ପାଇଁ ପ୍ରଚାର କରୁଥିବା ଅଭିଯୋଗ ଆସିବା ପରେ ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ସେନେଇ ଏକ ଦଳ ପକ୍ଷରୁ ଏକ ନୋଟିସ୍ ଜାରି କରାଯାଇଥିଲା । ସେ ଅନ୍ୟ କେ ?ଣସି ଦଳ ପାଇଁ ପ୍ରଚାର କରିବେ ନାହିଁ ବୋଲି ସ୍ପଷ୍ଟ କରି ନୋଟିସ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ । କିନ୍ତୁ, କେ ?ଣସି ଦଳ ବାପା-ପୁଅ ସମ୍ପର୍କକୁ ବାଧା ଦେଇପାରିବ ନାହିଁ ବୋଲି ସେ କହିଥିଲେ । ମୁଁ ହୁଏତ ପୁଅର ପାର୍ଟି ବେ ?ଠକରେ ଯୋଗ ଦେଇ ପାରିବି ନାହିଁ, ରାଲି କରି ପୁଅର ପାର୍ଟି ପତାକା ଧରିପାରିବି ନାହିଁ । କିନ୍ତୁ, ମୁଁ କିପରି ନିଜ ପୁଅକୁ ଅଣଦେଖା କରିପାରିବି ? ସୁର ପ୍ରଶ୍ନ କରିଥିଲେ । ଯଦି ଲୋକମାନେ ମୋତେ କାହାକୁ ଭୋଟ୍ ଦେବାକୁ କୁହନ୍ତି । ମୁଁ ସେମାନଙ୍କୁ ମୋ ପୁଅ ସପକ୍ଷରେ ଭୋଟ୍ ଦେବାକୁ ପରାମର୍ଶ ଦେବି ବୋଲି ବରିଷ୍ଠ ନେତା କହିଥିଲେ । ମୁଁ ମୋ ପୁଅକୁ ସମର୍ଥନ କରିବା ପରେ ମୋ ପାର୍ଟି ଏକ କାରଣ ଦର୍ଶାଅ ନୋଟିସ ଜାରି କରିଛି ବୋଲି ସେ କହିଥିଲେ । ମୋତେ ନିଲମ୍ବିତ କରାଯାଇପାରେ । କିନ୍ତୁ, ମୁଁ କିପରି ମୋ ପୁଅକୁ ଅଣଦେଖା କରିପାରିବି ? ସେ ପଚାରିଲେ । ଅନ୍ୟପକ୍ଷରେ ବରିଷ୍ଠ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ସୁରଙ୍କ ସପକ୍ଷରେ ବାହାରିଥିଲେ । ବାହିନୀପତି କହିଥିଲେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବା ଉଚିତ୍ ନୁହେଁ । ପିସିସି ସଭାପତି ନୋଟିସ ପ୍ରତ୍ୟାହାର କରି ନେବାକୁ ସେ ଦାବି କରିଥିଲେ ।


**ଆବଶ୍ୟକ**

ଉତ୍କଳ ସମାଚାର

www.theutkalsamachar.com

ଦୈନିକ ପ୍ରକାଶିତ ଖବରକାଗଜ '**ଉତ୍କଳ ସମାଚାର**' ପାଇଁ ପାରାଦ୍ୱୀପ, ଝାରସୁଗୁଡ଼ା,ପୁରୀ, ବାଲେଶ୍ୱର ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No:B/204, Sec-16, Rkl

Mob: 9439951525

email-utkalsamachar@gmail.com

# ବିବିଧା



# ରାଗିଣୀ ଚରିତ୍ରଟି ମୋ ପାଇଁ ବହୁତ ଚ୍ୟାଲେଞ୍ଜିଂ ଥିଲା''

ପ୍ରିୟଙ୍କା ରଥ, ଅଭିନେତ୍ରୀ

## ଚିନ୍ତାରେ ମଧୁ



## ସୁମନ-ଜୟଜିତ୍‌ଙ୍କ ଯୋଡ଼ି











## ସିନ୍ଦୁର



ଟେଲିଭିଜନ ପ୍ରିମିୟର

## ଆସିକ୍ ସରେଣ୍ଡର ହେଲା






# ବଣାଇରେ ଲକ୍ଷ୍ମଣ ମୁଣ୍ଡା ଙ୍କୁ ପ୍ରାର୍ଥୀ ଘୋଷଣା କଲା ସିପିଆଇଏମ୍



ରାଉରକେଲା, ୪/୪ (ନି/ପ୍ର): ଆଜି ସି ପି ଆଇ ଏମ୍ ଜିଲ୍ଲା କାର୍ଯ୍ୟାଳୟ ଶକ୍ତିନଗର ଠାରେ ପାର୍ଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ରେ ପାର୍ଟିର ରାଜ୍ୟ ସଂପାଦକ ଅଳି କିଶୋର ପଟ୍ଟନାୟକ ସୁନ୍ଦରଗଡ଼ ଜିଲ୍ଲା ର ବଣାଇ ନିର୍ବାଚନ ମଣ୍ଡଳୀ ପାଇଁ ଲକ୍ଷ୍ମଣ ମୁଣ୍ଡା ପାର୍ଟିର ପ୍ରାର୍ଥୀ ହେବେ ବୋଲି ଘୋଷଣା କରିଛନ୍ତି । ପାର୍ଟି ରାଜ୍ୟ କମିଟି ବଣାଇ ସମେତ ରାଜ୍ୟ ର ୮ ଟି ବିଧାନସଭା ଓ ଗୋଟିଏ ଲୋକସଭାରେ ପାର୍ଟି ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରାର୍ଥୀ ଦେବ ବୋଲି ନିଷ୍ପତ୍ତି ହୋଇଥିବା ଜଣାଇଥିଲେ । ସେ ସାମ୍ବାଦିକ ମାନଙ୍କୁ କହିଛନ୍ତି ଯେ ସି ପି ଆଇ ଏମ୍ ସର୍ବଭାରତୀୟ ସ୍ତରରେ ଦେଶର ଗଣତନ୍ତ୍ର, ସମ୍ବିଧାନ ଓ ଧର୍ମନିରପେକ୍ଷତା ର ସୁରକ୍ଷା ପାଇଁ ଜନ ବିରୋଧି ଓ ଦେଶ ବିରୋଧୀ, ଦେଶର କର୍ପୋରେଟ ଶକ୍ତି ମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ବି ଜେ ପି କୁ ପରାସ୍ତ କରିବାକୁ ପାର୍ଟି ଆପ୍ରାଣ ଉଦ୍ୟମ କରିବ ବୋଲି ନିଷ୍ପତ୍ତି ହୋଇଥିବା ବେଳେ ଓଡ଼ିଶାରେ ବିଗତ ଦିନରେ ବି ଜେ ପି ର ସମସ୍ତ ନୀତି ଓ କାର୍ଯ୍ୟକ୍ରମ କୁ ପାର୍ଲିଆମେଂଟ ଭିତରେ ଓ ବାହାରେ ସମର୍ଥନ କରୁଥିବା ବି ଜେ ଡି କୁ ମଧ୍ୟ ନିର୍ବାଚନ ରେ ପରାସ୍ତ କରିବାକୁ ପାର୍ଟି ନିଷ୍ପତ୍ତି ଗ୍ରହଣ କରିଛି ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିବା ସହିତ ବି ଜେ ପି ଗତ ୨୦୧୯ ସାଧାରଣ ନିର୍ବାଚନ ସମୟରେ ଦେଶବାସୀ ଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲା ଯଥା ବିଦେଶରୁ କଳାଧନ ଫେରେଇ ଆଣିବା, ଦରଦାମ ନିୟନ୍ତ୍ରଣ କରିବା, ସମସ୍ତ ଙ୍କ ବ୍ୟାଙ୍କ୍ ଖାତାକୁ ୧୫ ଲକ୍ଷ ଟଙ୍କା ପ୍ରଦାନ କରିବା, ପ୍ରତିବର୍ଷ ୨ କୋଟି ବେକାର ଙ୍କୁ ନିଯୁକ୍ତି ଦେବା, ଚାଷୀ ମାନଙ୍କୁ ଫସଲର ଲାଭଜନକ ଦର ପ୍ରଦାନ କରିବା ଆଦି ଗୋଟାଏ ହେଲେ ମଧ୍ୟ ପ୍ରତିଶ୍ରୁତି ବି ଜେ ପି ରକ୍ଷା କରି ପାରିଲା ନାହିଁ । ପୁଞ୍ଜିପତି ଓ କର୍ପୋରେଟ ସଂସ୍ଥା ମାନଙ୍କ ସ୍ୱାର୍ଥ ପାଇଁ ଦେଶର ସମସ୍ତ ଲାଭଦାୟକ ରାଷ୍ଟ୍ରାୟତ ଉଦ୍ୟୋଗ ଗୁଡ଼ିକୁ ଘରୋଇକରଣ କଲେ । ବିରୋଧୀ ଦଳ ଓ ସେମାନଙ୍କ ନେତାଙ୍କୁ ଇ ଡି, ସି ବି ଆଇ, ଆୟକର ବିଭାଗ କୁ ଲଗାଇ ଜବତ କରିବା ସହିତ ଗିରଫଦାରୀ ମଧ୍ୟ କରାଯାଇଛି ।ଦେଶରେ ଫାସିବାଦୀ ଓ ସାଂପ୍ରଦାୟିକ ବିଦ୍ୱେଷ କୁ ତୀବ୍ର କରିବା ଭଳି ନିତୀ ବିରୋଧରେ ବି ଜେ ପି କୁ ପରାସ୍ତ କରିବା ଅନିର୍ବାଯ୍ୟ ବୋଲି ପାର୍ଟି ଆହ୍ୱାନ କରିଛି । ଓଡିଶାରେ ବି ଜେ ପି ର ଅଘୋଷିତ ମିତ୍ର ବି ଜେ ଡି କୁ ମଧ୍ୟ ପରାସ୍ତ କରିବାକୁ ପାର୍ଟି ନିଷ୍ପତ୍ତି ଗ୍ରହଣ କରିଛି ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି । ଏହି ଉଭୟ ଦଳ ଲୋକ ଦେଖାଣିଆ ଭାବରେ ନିର୍ବାଚନ ରେ ପରସ୍ପର ଲଢୁଛନ୍ତି ବୋଲି ଯାହା ଲୋକଙ୍କୁ ଦେଖାଇବାକୁ ଚେଷ୍ଟା କରୁଛନ୍ତି ଉଭୟ ଙ୍କ ମଧ୍ୟରେ ଅଘୋଷିତ ମେଂଟ ରହିଛି ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଥିଲେ । ଆଗାମୀ ନିର୍ବାଚନ ରେ ସି ପି ଆଇ ଏମ୍ ପ୍ରାର୍ଥୀ ମାନଙ୍କୁ ବିଜୟୀ କରିବା ସହିତ ବଣାଇ ରେ ଲକ୍ଷ୍ମଣ ମୁଣ୍ଡା ଙ୍କୁ ବିଜୟୀ କରିବାକୁ ପାର୍ଟି ସମସ୍ତ ଉଦ୍ୟମ କରିବ ବୋଲି ସେ ପ୍ରକାଶ କରିଛନ୍ତି ।ତା ସହିତ ସହଯୋଗୀ ଇଣ୍ଡିଆ ମେଂଟର ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ପାର୍ଟି ନିଷ୍ପତି ଗ୍ରହଣ କରିଛି ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି । ଆଜିର ସାମ୍ବାଦିକ ସମ୍ମିଳନୀ ରେ ପାର୍ଟିର ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ମହାନ୍ତି, ଜିଲ୍ଲା ସଂପାଦକ ପ୍ରମୋଦ ସାମଲ, ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣ ମୁଣ୍ଡା, ଜିଲ୍ଲା ସଂପାଦକ ମଣ୍ଡଳୀ ସଦସ୍ୟ ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ରାଜ କିଶୋର ପ୍ରଧାନ, ସାଲୋମୀ ମିଞ୍ଜ ପ୍ରମୁଖ ସାମ୍ବାଦିକ ମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିବା ବେଳେ ଆଗାମୀ ଦିନର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ ।

# ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମିଳନୀର ପ୍ରଦେଶ ଅଧ୍ୟକ୍ଷଙ୍କ ସ୍ୱାଗତ



ରାଉରକେଲା, ୪/୪ (ନି/ପ୍ର): ରାଉରକେଲା ରେଳ ଷ୍ଟେସନରେ ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମିଳନୀର ପ୍ରଦେଶ ଅଧ୍ୟକ୍ଷ ଦୀନେଶ ଅଗ୍ରୱାଲ ଏବଂ ନବ ନିଯୁକ୍ତ ପ୍ରାନ୍ତୀୟ ଅଧ୍ୟକ୍ଷ ଗୋବିନ୍ଦ ଅଗ୍ରୱାଲଙ୍କ ନେତୃତ୍ୱରେ ଉତ୍କଳ ପ୍ରଦେଶର ଶତାଧିକ ଅଧିକାରୀ ଏବଂ ସଦସ୍ୟ, ସାତ ଦିନିଆ ତୀର୍ଥଯାତ୍ରା ପାଇଁ ଆଜି ବିଶାଖାପାଟନମ୍ - ବନାରସ ଏକ୍ସପ୍ରେସ ଟ୍ରେନରେ ଟିଟିଲାଗଡ, ଭବାନୀପାଟଣା, କଟାଂବାଞ୍ଜି, କେସିଙ୍ଗା, ବଲାଙ୍ଗୀର, ବରଗଡ, ସମ୍ବଲପୁର, ଝାରସୁଗୁଡାରୁ ସଦସ୍ୟଗଣ ଆସି ରାଉରକେଲା ରେଳଷ୍ଟେସନରେ ପହଂଚିବା ପରେ, ଉତରପ୍ରଦେଶର ମାରୱାଡି ସମ୍ମେଳନର ଜୋନାଲ ସମ୍ପାଦକ ଶୈଳେନ୍ଦ୍ର ମାରୋଠିଆ ଏବଂ ଅନେକ ସହଯୋଗୀଙ୍କ ଦ୍ୱାରା ପ୍ରଦେଶ ଅଧ୍ୟକ୍ଷ ସମେତ ଅନ୍ୟ ସହଯୋଗୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ଅନ୍ୟ ତୀର୍ଥଯାତ୍ରୀଙ୍କ ଜଳପାନ ବ୍ୟବସ୍ଥା କରାଯାଇଥିଲା । ତୀର୍ଥଯାତ୍ରାରେ କାଶୀ ବିଶ୍ୱନାଥ ଏବଂ ବିନ୍ଧ୍ୟବାସିନୀ ମାତାଙ୍କୁ ଦର୍ଶନ ପରେ ପ୍ରୟାଗରାଜ ତ୍ରିବେଣୀ ସଙ୍ଗମରେ ସ୍ନାନ କରିବା ପରେ ଅଯୋଧ୍ୟାରେ ରାମଲାଲା ପରିଦର୍ଶନ କରିବେ । ସମସ୍ତ ତୀର୍ଥଯାତ୍ରୀ ୯ ଏପ୍ରିଲରେ ପ୍ରତ୍ୟାବର୍ତ୍ତନ କରିବେ । ଆଜି ରେଳ ଷ୍ଟେସନରେ ଜୋନାଲ ସଚିବଙ୍କୁ ପ୍ରଦେଶ ଅଧ୍ୟକ୍ଷ ଧନ୍ୟବାଦ ଦେଇଛନ୍ତି ।

# ୨୦୨୩-୨୪ ଆର୍ଥିକ ବର୍ଷରେ ସର୍ବକାଳୀନଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇବା ନିମନ୍ତେ ଡ଼ିଆଇସିଙ୍କ ଆରଏସପିର ବିଭିନ୍ନ ବିଭାଗ ଗସ୍ତ

ରାଉରକେଲ ୪/୪ (ନି/ପ୍ର):ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ବିଭିନ୍ନ ବିଭାଗଙ୍କ ଦ୍ୱାରା ୨୦୨୩-୨୪ ଆର୍ଥିକ ବର୍ଷରେ ଚିନ୍ତାକର୍ଷକ ପ୍ରଦର୍ଶନ ସହ ସର୍ବକାଳୀନ ଶ୍ରେଷ୍ଠ ଉତ୍ପାଦନ ହାସଲ ନିମନ୍ତେ ଅଭିନନ୍ଦନ ଜଣାଇବା ପାଇଁ ଆରଏସପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ (ଡ଼ିଆଇସି) ଶ୍ରୀ ଅତନୁ ଭୌମିକ ବିଭିନ୍ନ ୟୁନିଟ ପରିଦର୍ଶନ କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ଆର୍ଥିକ ବର୍ଷରେ ଆରଏସପି ସର୍ବକାଳୀନ ଶ୍ରେଷ୍ଠ ଉତ୍ତପ୍ତ ଧାତୁ, ଅଶୋଧିତ ଇସ୍ପାତ ଏବଂ ବିକ୍ରିଯୋଗ୍ୟ ଇସ୍ପାତ ଉତ୍ପାଦନ ହାସଲ କରିଛି । ଡ଼ିଆଇସିଙ୍କ ଗହଣରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏସ ଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗର



ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ ଉପସ୍ଥିତ ଥିଲେ । ବିଭିନ୍ନ ବିଭାଗରେ ସାମୂହିକଙ୍କ ସହିତ ମତବିନିମୟ ଅବସରରେ ଡ଼ିଆଇସି ବିଭାଗୀୟ ଦଳଙ୍କୁ ପୁଷ୍ପଗୁଚ୍ଛ ଏବଂ ମିଷ୍ଟାନ୍ନ ଭେଟି ଦେଇଥିଲେ । ବିଭିନ୍ନ ବିଭାଗରେ ଆରଏସପି ସାମୁଦାୟିକଙ୍କ ସହିତ ମତବିନିମୟରେ ସର୍ବକାଳୀନ ଶ୍ରେଷ୍ଠ ଉତ୍ପାଦନ ପ୍ରଦର୍ଶନ ପାଇଁ ଡ଼ିଆଇସି ଦଳଗୁଡିକର ପ୍ରଚେଷ୍ଟାର ଉଚ୍ଚ ପ୍ରଶଂସା କରିବା ସହ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । "ଆରଏସପି ୨୦୨୩-୨୪ ଆର୍ଥିକ ବର୍ଷରେ ବିଭିନ୍ନ କ୍ଷେତ୍ରରେ ମାଇଲଖୁଂଟ ଅତିକ୍ରମ କରିଛି, ଫଳସ୍ୱରୂପ, ଆମେ କେତେକ କ୍ଷେତ୍ରରେ ଧାର୍ଯ୍ୟ ଏବିପି ଲକ୍ଷ୍ୟ ଅତିକ୍ରମ କରିଛୁ ଏବଂ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛୁ । ଚଳିତ ଆର୍ଥିକ ବର୍ଷରେ ଅନ୍ୟ



କଂଗ୍ରେସର ରାଉରକେଲା ଓ ରଘୁନାଥପାଲୀ ପ୍ରାର୍ଥୀକୁ ବିରୋଧ, କର୍ମୀମାନେ ହାଇକମାଣ୍ଡକୁ ପୋଷ୍ଟ କୋର୍ଡ଼ରେ ଚିଠି ଲେଖିଲେ

# ବାଇକ ଧକ୍କାରେ ବାପା-ଝିଅ ଗୁରୁତର



ବଣାଇ, ୪/୪ (ନି/ପ୍ର):ବଣାଇ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣାରେ ବାପ ଝିଅ ଗୁରୁତର ଆହତ ହୋଇଛନ୍ତି । ଉଭୟଙ୍କୁ ବଣାଇ ଡାକ୍ତରଖାନା ଅଣାଯାଇଥିଲା । ପରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ରାଉରକେଲା ସ୍ଥାନାନ୍ତର କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ସାନଜଲ ଗ୍ରାମର ସେଜାନ ହର ଏବଂ ତାଙ୍କର ୮ବର୍ଷ ର ଝିଅ ସୁଷମା ହର ଗାଁରୁ ବନ୍ଧାଭୂଇଁକୁ ଏକ ବାହାଘର ଉତ୍ସବରେ ଯୋଗ ଦେବାକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ଉଭୟ ବାପ , ଝିଅ ବାଇକରେ ଯାଉଥିବା ବେଳେ ଏକ ହାଇବା ଟ୍ରକ ବାଇକ କୁ ପିଟି ଦେଇଥିଲା । ଫଳରେ ଉଭୟ ରାସ୍ତାରେ ଛିଟିକି ପଡ଼ିଥିଲେ । ଗାଡି ଛାଡ଼ି ଘଟଣା ସ୍ଥଳରୁ ହାଇବା ଡ୍ରାଇଭର ଫେରାର ହୋଇ ଯାଇଛି । ବଣାଇ ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିବା ବେଳେ ଟ୍ରକ ଟିକୁ ଜବତ କରିଛନ୍ତି ।

# ରହଣିଆ ହାଇସ୍କୁଲରେ ଖେଳନା ପ୍ରସ୍ତୁତି କର୍ମଶାଳା

ଭଦ୍ରକ, ୪/୪ (ନି/ପ୍ର):ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ରହଣିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଆମ ସଂସ୍କୃତି ଓ ଆମ ଖେଳନା ପ୍ରସ୍ତୁତି କର୍ମଶାଳା ବୁଧବାର ଉଦଯାପିତ ହୋଇଯାଇଛି । ଏହି କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ୩୦ ଶିକ୍ଷକ ଓ ଶିକ୍ଷୟିତ୍ରୀ କର୍ମଶାଳାରେ ଅଂଶଗ୍ରହଣ କରି ୪୦ ମଡେଲର ଖେଳନା ସାମଗ୍ରୀ ପ୍ରସ୍ତୁତ କରିଥିଲେ । ଶିକ୍ଷାସଂଯୋଜକ ତ୍ରିଲୋଚନ ନାୟକଙ୍କ ତ୍ତ୍ୱାବଧାନରେ ସମ୍ବଳ ଶିକ୍ଷକ ରଞ୍ଜନ କୁମାର ମହାନ୍ତି ଓ ପୁଷ୍ପକ ଚନ୍ଦ୍ର ଭାରତୀ କର୍ମଶାଳାରେ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ଦେବଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏଥିନେଇ ସଭାରେ ବିଇଓ ଅଧିର କୁମାର ତରାଇ ମୁଖ୍ୟଅତିଥି, ଏବିଇଓ ରମେଶ ଚନ୍ଦ୍ର ଜେନା ଓ ମଞ୍ଜୁଳା ନାୟକ ଯୋଗଦେଇ ଆମ ସଂସ୍କୃତି ଓ ଆମ ଖେଳନା କର୍ମଶାଳାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଦିଲ୍ଲିପ କୁମାର ଓଝା, ଚକ୍ରଧର ଜେନା, ଜୟନ୍ତ ପ୍ରଧାନ, ନିର୍ମଳ ଧଳ, ସଞ୍ଜିତ ସାମଲ ବକ୍ତବ୍ୟ ରଖିଥିଲେ । ଶିକ୍ଷାସଂଯୋଜକ ଶ୍ରୀ ନାୟକ ଆଭିମୁଖ୍ୟ ପ୍ରଦାନ କରିଥିଲେ ।

# ବିଜେଡିରେ ମିଶିଲେ ରୋହିତ ଯୋଶେଫ ତିର୍କି




ରାଉରକେଲ ୪/୪ (ନି/ପ୍ର): ବୀରମିତ୍ରପୁରର ପୂର୍ବତନ ବିଧାୟକ ତଥା ଟାଣୁଆ ଆଦିବାସୀ ନେତା ଜର୍ଜ ତିର୍କିଙ୍କ ପୁଅ ରୋହିତ ଯୋଶେଫ ତିର୍କି ଆଜି ବିଜେଡିରେ ଯୋଗଦେଇଛନ୍ତି । ଭୁବନେଶ୍ୱରସ୍ଥ ବିଜେଡି କାର୍ଯ୍ୟାଳୟ ଶଙ୍ଖ ଭବନରେ ସାଂସଦ ସସ୍ମିତ ପାତ୍ର, ରାଜ୍ୟ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ଓ ସୁନ୍ଦରଗଡ଼ ପ୍ରଭାରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଉପସ୍ଥିତିରେ ରୋହିତ ବିଜେଡିରେ ବିଧିବଦ୍ଧ ଭାବେ ଯୋଗଦେଇଛନ୍ତି ।ଜିଲ୍ଲା ବିଜେଡି ସଭାପତି ହାଲୁ ମୁଣ୍ଡାରୀ ଓ ବୀରମିତ୍ରପୁର ପୌରପାଳିକା ଅଧ୍ୟକ୍ଷ ସନ୍ଦୀପ ମିଶ୍ରଙ୍କ ସମେତ ୧୨ରୁ ଅଧିକ ନେତା ରୋହିତଙ୍କୁ ବିଜେଡିରେ ସାମିଲ ହେବାକୁ କଡ଼ା ବିରୋଧ କରି ଆସୁଥିବା ନେଇ ଚର୍ଚ୍ଚା ହେଉଥିଲା । ଏହା ସତ୍ୱେ ରୋହିତ ବିଜେଡିରେ ସାମିଲ ହୋଇଛନ୍ତି । ଆସନ୍ତା ନିର୍ବାଚନରେ ତାଙ୍କୁ ବିଜେଡିରୁ ବୀରମିତ୍ରପୁର ଆସନ ପାଇଁ ଟିକେଟ୍ ମିଳିବ ବୋଲି ଏକ ପ୍ରକାର ନିଶ୍ଚିତ ହୋଇସାରିଛି । ଗତ ୨୦୧୯ ନିର୍ବାଚନରେ ରୋହିତ କଂଗ୍ରେସରୁ ବିଧାୟକ ପ୍ରାର୍ଥୀ ଭାବେ ଛିଡ଼ା ହୋଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ବିଜେଡିରେ ସାମିଲ ହୋଇଛନ୍ତି ବୋଲି ରୋହିତ କହିଛନ୍ତି । ଆସନ୍ତା ଦିନରେ ଦଳ ତାଙ୍କୁ ଯେଉଁ ଦାୟିତ୍ୱ ଦେବ, ସେ ତାକୁ ନିଷ୍ଠାର ସହ କରିବେ ବୋଲି କହିଛନ୍ତି । ସାରଦା ପ୍ରସାଦ ନାୟକ କହିଛନ୍ତି, ରୋହିତ ବିଜେଡି ଯୋଗଦେବା ପରେ ଦଳ ଆହୁରି ମଜବୁତ ହେବ । ଗୁରୁବାର ରୋହିତ ବୀରମିତ୍ରପୁରରେ ପହଂଚିବା ପରେ ତାଙ୍କୁ ଦଳ ପକ୍ଷରୁ ଭବ୍ୟ ସ୍ୱାଗତ କରାଯିବା ସହ ଶୋଭାଯାତ୍ରାରେ ପାର୍ଟି କାର୍ଯ୍ୟାଳୟକୁ ପାଛୋଟି ନିଆଯିବାର କାର୍ଯ୍ୟକ୍ରମ ରହିଛି ।

# ଶ୍ରଦ୍ଧାରେ ବିଶ୍ୱ ସ୍ୱରାୟଣତା ଦିବସ ପାଳିତ



ରାଉରକେଲା, ୪/୪ (ନି/ପ୍ର):ଶ୍ରଦ୍ଧା ଆନୁକୁଲ୍ୟରେ ଓ ଟାଟା ପାୱାର ପଶ୍ଚିମାଂଚଳ ଶାଖା ସହାୟତାରେ ଅନୁଷ୍ଠାନ ର ପରିସରରେ ବିଶ୍ୱ ସ୍ୱପରାୟଣତା ଦିବସ ପାଳିତ ହୋଇଯାଇଛି । ଏନ.ଆଇ.ଟିର ମନସ୍ତତ୍ୱ ବିଭାଗରେ ଆସୋସିଏଟ ପ୍ରଫେସର ଡଃ. ରାମକୃଷ୍ଣ ବିଶ୍ୱାଳ ଏଥିରେ ମୂଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଶୁଭ ଉଦ୍ଘାଟନ କରି କହିଲେ ଯେ, ଅଟିଜିମ୍ ବା ସ୍ୱପରାୟଣତା ଦିବସ ଏବେ ବହୁଳ ଭାବେ ପାଳନ କରାଯାଉଥିବା ଦେଖାଯାଇଛି ଅର୍ଥାତ ଅଭିଭାବକ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ଯେଉଁ ମାନେ ଏମାନଙ୍କ ପାଇଁ କାମ କରୁଛନ୍ତି ନିଶ୍ଚିତଭାବେ ଏହି ପରିପ୍ରେକ୍ଷୀରେ ସଚେତନତା ସୃଷ୍ଟି କରିପାରିଛନ୍ତି । ସର୍ବୋପରି ଏହି ପିଲା ମାନଙ୍କୁ ପ୍ରାଥମିକ ସ୍ତରରେ ଚିହ୍ନଟ କରି ଅଟିଜିମ୍ ମ୍ୟାନେଜମେଂଟ କ୍ଷେତ୍ରରେ ଧ୍ୱାନ ଦେବା ଆବଶ୍ୟକ । ଅଭିଭାବକ ମାନେ ମନେରଖିବା ଉଚିତ ଅଟିଜିମ୍ ଏକ ରୋଗ ନୁହେଁ ଏକ ଅବସ୍ଥା । ତେଣୁ ଏହା ସଂପୂର୍ଣ୍ଣ ରୂପେ ସଠିକ୍ ହୋଇ ପାରି ନ ଥାଏ । କିନ୍ତୁ ଯଥା ଶୀଘ୍ର ଏହାର ଉପଚାର କଲେ ପିଲାର କିଛି ଭିନ୍ନକ୍ଷମତା ଯାହା ଭବିଷ୍ୟତ ପାଇଁ ଭୟଙ୍କର ହେବାର ସମ୍ଭାବନା ଯାଏ ସେଥିରୁ ବହୁ ମାତ୍ରାରେ ସ୍ୱାଭାବିକ ଅବସ୍ଥାକୁ ଆସିଥାଏ । ଅନ୍ୟମାନଙ୍କ ମଦ୍ଧ୍ୱରେ ସମ୍ମାନୀତ ଅତିଥି ଭାବେ ରାଉରକେଲା ଅଭିଭାବକ ସଂଘର ଉପସଭାପତି ଗଗନ ବିହାରୀ ଧଳ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଅଭିଭାବକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ଅଟିଜିମ୍ ମ୍ୟନେଜମେଂଟ ଏକ ଗୋଷ୍ଠୀ ଭିତିକ କାର୍ଯ୍ୟକ୍ରମ । ଅଭିଭାବକ ।ମନେ ବିଭିନ୍ନ ସାମାଜିକ ଅନୁଷ୍ଠାନ, ସ୍ୱତନ୍ତ୍ର ବିଦ୍ୟାଳୟ ଓ ଏ ମାନଙ୍କ ପାଇଁ ଥିବା ସହଳ ଓ ପ୍ରାଥମିକ ଚିକିତ୍ସା ସୁବିଧା କେନ୍ଦ୍ର ସହିତ ଯୋଗାଯୋଗ କରିପାରିଲେ ପିଲାଟିର ଦୈନନ୍ଦିନ କାର୍ଯ୍ୟରେ ଅସୁବିଧା ରହିବ ନାହିଁ । ବହୁ ସମୟରେ ଅଭିଭାବକ ମାନେ ହତାଶ ହୋଇଯାନ୍ତି, କୁହନ୍ତି ମୋ ପିଲାଟି କଥା କହୁନାହିଁ, କାହା ସାଙ୍ଗରେ ମିଶୁ ନାହିଁ । ତାର ବ୍ୟବହାର ରେ ମଦ୍ଧ୍ୱ ଅତିଷ୍ଠ ହୋଇ ପଡନ୍ତି । ତେଣୁ ମନସ୍ତତ୍ୱବିତ୍ ବିଶେଷଜ୍ଞ ପରାମର୍ଶ ଏଥିପାଇଁ ନିହାତି ଜରୁରୀ । ପ୍ରାରମ୍ଭରେ ଶ୍ରଦ୍ଧାର ସାଧାରଣ ସମ୍ପାଦକ କାର୍ତିକ ଚନ୍ଦ୍ର ପାଣ୍ଡ ସ୍ୱାଗତ ଭାଷଣ ଦେବା ସହ ସ୍ୱପରାୟଣତା ଦିବସ ର ତାତ୍ପର୍ଯ୍ୟ ଉପରେ ଅଲୋକପାତ କରିଥିଲେ ଏବଂ ଜାତୀୟ ସ୍ତରରେ ଥିବା ଅଭିଭାବକ ମହାସଂଗ ପରିବାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ତଥା ନ୍ୟାସନାଲ ସୁଯୋଗ ଉପରେ ସୂଚନା ଦେଇଥିଲେ । ଅନୁଷ୍ଠାନର ସଭାପତି ପଶୁପତିନାଥ ଚାଟାର୍ଜୀ ଉକ୍ତ କାର୍ଯ୍ୟକ୍ରମରେ ଅଦ୍ଧ୍ୱକ୍ଷତା କରିବା ସହିତ ଉପସ୍ଥିତ ଅଭିଭାବକ, ଶିକ୍ଷକ ଓ ଶିକ୍ଷୟତ୍ରୀ, ଗୋଷ୍ଠୀ ଭିତିକ କାର୍ଯ୍ୟକ୍ରମର କର୍ମକର୍ତାଙ୍କୁ ଉକ୍ତ କାର୍ଯ୍ୟକ୍ରମକୁ ନିରନ୍ତର ସେବା ପ୍ରଦାନ କରି ଆଗେଇ ନେବାକୁ ଅନୁରୋଧ କରିଥିଲେ । ସ୍ୱତନ୍ତ୍ର ପ୍ରଶିକ୍ଷକ ସିପୁନ ବେହେରା ଓ ପ୍ରୋଗ୍ରାମ ମ୍ୟାନେଜେର ଅମୃତ ଆଚାର୍ଯ୍ୟ ପ୍ରାସଙ୍ଗିକ ବକ୍ତବ୍ୟ ରଖିଥିଲେ । ଅଭିଭାବକ ଓ ଭିନ୍ନକ୍ଷମ ପିଲାମାନେ, ବିଶ୍ରା ବ୍ଲକରୁ ବିଭିନ୍ନ ପଂଚାୟତରୁ ସ୍ୱେଚ୍ଛାସେବୀ, ଶ୍ରଦ୍ଧାର ଶିକ୍ଷକ ଓ ଶିକ୍ଷୟତ୍ରୀ ସମେତ ୮୦ ରୁ ଉର୍ଦ୍ଧ୍ୱ ଅଂଶଗ୍ରହଣ କାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଂଫଳ କରାଇଥିଲେ । ଏହି କାର୍ଯ୍ୟକ୍ରମକୁ ସୁକୁମାର ପାଣ୍ଡବ, ସୁଜତା ରାଉତ, ଅଞ୍ଜଳୀ ମହାରଣା, ପ୍ରୀତି ବାରିକ, ଧିରେନ ଓଝା, ସନ୍ତୋଷି କୁମ୍ଭାର ଏବଂ ସି.ବି.ଆର ର ଫିଲ୍ଡ କର୍ମକତା କ୍ରିଷ୍ଣା ଗୋପ, ସରୋଜୀନି ସିଂ, ରତ୍ନାକର ତନ୍ତି, ବଳରାମ ତନ୍ତି, ସରୋଜିନୀ ତନ୍ତି, ରାଜାଲୀନା ଓରାମ, ଗନ୍ଦରୁ ଓରାମ, ସୁବର୍ଷିନି ଏକ୍କା ସୁଚାରୁ ରୂପେ ପରିଚାଳନା କରିଥିଲେ । ଶେଷରେ ଅଶୋକ କୁମାର ବଳ ଧନ୍ୟବାଦ ଅର୍ପଣ କରିଥିଲେ ।